# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 10th June - 2026
****************************************

*News Pool*

## ପ୍ରଧାନମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ସବୁଠାରୁ ଅଧିକ ସମୟ ପର୍ଯ୍ୟନ୍ତ ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି । ଏ କ୍ଷେତ୍ରରେ ଶ୍ରୀ ମୋଦୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ କାର୍ଯ୍ୟକାଳ ଅବଧିକୁ ଅତିକ୍ରମ କରିଛନ୍ତି । ୨୦୧୪ ମେ ମାସ ୨୬ ତାରିଖରେ ଶ୍ରୀ ମୋଦୀ ଭାରତର ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ ।

ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଗଠିତ ଏନ୍.ଡି.ଏ. ସରକାର ଦେଶରେ ବିଭିନ୍ନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିପାରିଛି । ୧୪୦ କୋଟିରୁ ଅଧିକ ଲୋକଙ୍କ ଭାଷା, ସଂସ୍କୃତି, ଧର୍ମ, ବିବିଧତା ମଧ୍ୟରେ ଆଶା ଓ ଆକାଂକ୍ଷା ପୂରଣ କରିବାରେ ସଫଳ ହୋଇପାରିଛି । ବିଶ୍ୱ ସ୍ତରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ସବୁଠାରୁ ଲୋକପ୍ରିୟ ଗଣତାନ୍ତ୍ରିକ ନେତା ଭାବେ ମାନ୍ୟତା ମିଳିଛି । ୩୦ରୁ ଅଧିକ ଦେଶ ଶ୍ରୀ ମୋଦୀଙ୍କୁ ସର୍ବୋଚ୍ଚ ନାଗରିକ ସମ୍ମାନରେ ସମ୍ମାନିତ କରିଛନ୍ତି ।

***IPR***

# ମେଡିକାଲ୍ ପଦବୀ

ରାଜ୍ୟ ସରକାର ବିଭିନ୍ନ ସରକାରୀ ମେଡିକାଲ୍ କଲେଜ ଓ ଚିକିତ୍ସା ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷାଦାନ ଓ ରୋଗୀସେବାକୁ ସୁଦୃଢ଼ କରିବାପାଇଁ ୭୫୫ଟି ନୂତନ ପଦବୀ ମଞ୍ଜୁର କରିଛନ୍ତି । ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି, ରାଜ୍ୟ ସରକାର ସ୍ୱାସ୍ଥ୍ୟକ୍ଷେତ୍ରକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆସୁଛନ୍ତି । ନୂତନ ପଦବୀ ମଞ୍ଜୁର ହେବା ଫଳରେ ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥା ଅଧିକ ସଶକ୍ତ ହେବ ।

***BBSR/R***

# ଗୃହରକ୍ଷୀ – ଭତ୍ତା ବୃଦ୍ଧି

ରାଜ୍ୟ ସରକାର ଗୃହରକ୍ଷୀମାନଙ୍କ ଦୈନିକ ଭତ୍ତାକୁ ୬୩୯ ଟଙ୍କାରୁ ୬୫୦ ଟଙ୍କାକୁ ବୃଦ୍ଧି କରିଛନ୍ତି । ଏହି ବର୍ଦ୍ଧିତ ଭତ୍ତା ଗତ ଜାନୁୟାରୀ ମାସରୁ ଲାଗୁହେବ । ପୂର୍ବରୁ ଗତବର୍ଷ ଜୁଲାଇ ପହିଲାରେ ଗୃହରକ୍ଷୀଙ୍କ ଦୈନିକ ଭତ୍ତା ୬୨୩ ଟଙ୍କାରୁ ୬୩୯ ଟଙ୍କାକୁ ବୃଦ୍ଧି କରାଯାଇଥିଲା ।

*IPR*

# ରାଇସ୍ ମିଲର୍ ସଂଘ

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସହ ଓଡ଼ିଶା ରାଇସ୍ ମିଲର୍ ସଂଘ ପ୍ରତିନିଧିମାନେ ସାକ୍ଷାତ୍ କରିଛନ୍ତି । ସାକ୍ଷାତ୍ ସମୟରେ ମିଲିଂ ଖର୍ଚ୍ଚ ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି । ସୂଚନା ଅନୁସାରେ ନିକଟରେ ମୁଖ୍ୟମନ୍ତ୍ରୀ ମିଲିଂ ଦରକୁ ୨ ଗୁଣା ବୃଦ୍ଧି ଘୋଷଣା କରିଛନ୍ତି ।

*Nuapada/R*

# ମିଶନ ଶକ୍ତି ସମୀକ୍ଷା ବୈଠକ

ନୂଆପଡ଼ା ଜିଲ୍ଲାରେ ମିଶନ ଶକ୍ତି ଓ ଓଡ଼ିଶା ଜୀବିକା ମିଶନର ଜିଲ୍ଲାସ୍ତରୀୟ ସମୀକ୍ଷା ଓ ଯୋଜନା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ୫ଟି ବ୍ଲକ୍‌ରୁ ଅତିକମ୍‌ରେ ୧୦୦ ଜଣ ମହାଲକ୍ଷପତି ଦିଦି ସୃଷ୍ଟି କରିବାକୁ ଲକ୍ଷ୍ୟଧାର୍ଯ୍ୟ ସହ ଯୋଜନା ପ୍ରସ୍ତୁତ ପାଇଁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

*Ganjam/R*

# ବୈଠକ

ମା', ମାଟିର ସୁରକ୍ଷା, ଜଳ, ଜୀବିକା, ସଂରକ୍ଷଣ ଓ ବିପଣନର ସୁବ୍ୟବସ୍ଥା ନିମନ୍ତେ ଗଞ୍ଜାମ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଦିନକୁ ଦିନ ଭୂତଳ ଜଳ ହ୍ରାସ ପାଉଥିବାରୁ ବର୍ଷାଜଳର ସଂରକ୍ଷଣ ଏବଂ ଏହାର ପୁନଃ ବ୍ୟବହାର ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ସେହିପରି ଚେକ୍‌ଡ୍ୟାମ୍‌ଗୁଡ଼ିକର ମରାମତି କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

*Cuttack/R*

# କଟକ - ରଜୋତ୍ସବ

କଟକ ମହାନଗର ନିଗମ ପକ୍ଷରୁ ରଜପର୍ବକୁ ଧୁମ୍‌ଧାମ୍‌ରେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି । ତଳ ବାଲିଯାତ୍ରା ପଡ଼ିଆରେ ଥିବା କଟକ ଇନ୍ କଟକରେ ରଜୋତ୍ସବର ଆୟୋଜନ କରାଯିବ । ଏଥିରେ ୨୦୦ରୁ ଅଧିକ ବସ୍ତିପିଲା ସାମିଲ୍ ହେବେ ବୋଲି ମହାନଗର ନିଗମ କମିଶନର କିରଣଦୀପ କୌର ସହୋତା କହିଛନ୍ତି ।

*Sonepur, Bhadrak/R*

# ବାଲ୍ୟବିବାହ

ସୁବର୍ଣ୍ଣପୁର ଜିଲ୍ଲାରେ ବାଲ୍ୟବିବାହ ରୋକିବା ନେଇ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ଡକ୍ଟର ନୃପରାଜ ସାହୁ ବାଲ୍ୟବିବାହ ରୋକିବାପାଇଁ ଆଇନଗତ ପଦକ୍ଷେପ ସହ ସଚେତନତା, ପରାମର୍ଶ ଓ ସମନ୍ୱୟକୁ ଗୁରୁତ୍ୱ ଦେଇଥିଲେ ।

ଭଦ୍ରକ ଜିଲ୍ଲାରେ ମଧ୍ୟ ବାଲ୍ୟବିବାହ ରୋକିବାପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ବାଲ୍ୟବିବାହକୁ ଆଇନଗତ ଅପରାଧ ଭାବେ ବିବେଚିତ କରାଯାଉଥିବାବେଳେ ଶିଶୁଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଭବିଷ୍ୟତ ଉପରେ ଏହାର କୁପ୍ରଭାବ ଉପରେ ପ୍ରାଧିକରଣ ସଚିବ ଗୁରୁତ୍ୱାରୋପ କରିଥିଲେ ।

***Desk***

# ହକି - ପୁରସ୍କାର

ଜାପାନ୍‌ରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ଏସିଆ କପ୍ ହକି ଟୁର୍ଣ୍ଣାମେଣ୍ଟରେ ବିଜୟ ହାସଲ କରିଥିବା ପୁରୁଷ ଓ ବ୍ରୋଞ୍ଜ ପଦକ ବିଜେତା ମହିଳା ଦଳର ଖେଳାଳିମାନଙ୍କୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆର୍ଥିକ ପୁରସ୍କାରରେ ସମ୍ମାନିତ କରିଛନ୍ତି । ସ୍ୱର୍ଣ୍ଣପଦକ ଜିତିଥିବା ଭାରତୀୟ ପୁରୁଷ ଦଳରେ ସାମିଲ୍ ଓଡ଼ିଆ ଖେଳାଳି ଅର୍‌ମାନ ସୋରେନ୍‌ଙ୍କୁ ଅଢ଼େଇ ଲକ୍ଷ ଟଙ୍କା

ଏବଂ ମହିଳା ଦଳରେ ସାମିଲ୍ ଥିବା ୪ ଜଣ ଖେଳାଳିଙ୍କୁ ୮୩ ହଜାର ୫୦୦ ଟଙ୍କା ଲେଖାଏଁ ପ୍ରଦାନ କରିଛନ୍ତି ।

***Met.O.***

# ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାକୁ ଚଳତ ସପ୍ତାହରେ ସ୍ପର୍ଶ କରିବାର ସମ୍ଭାବନା ଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର ମନୋରମା ମହାନ୍ତି କହିଛନ୍ତି । ଅପରପକ୍ଷରେ ଗତକାଲି ୭ଟି ସହରର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରହିଥିଲା । ଝାରସୁଗୁଡ଼ାଠାରେ ସର୍ବାଧିକ ତାପମାତ୍ରା ୪୧ ଦଶମିକ ୬ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ ହୋଇଥିଲା ।

*****